Annexure-B (ଦରଖାସ୍ତ ଫର୍ମ) 4767 23-11-22



# ଆଦିବାସୀ ପ୍ରତିଭା ସମ୍ମାନ - ୨୦୨୩

୧. ପ୍ରତିଭାଧାରୀ ବ୍ୟକ୍ତିଙ୍କ ନାମ :- ଶ୍ରୀ କୁଶାଳ ହେମ୍ବ୍ରମ

୨. ସ୍ୱାମୀ / ପିତାଙ୍କ ନାମ :- ✓ ନିମାଇ ହେମ୍ବ୍ରମ

୩. ସ୍ଥାୟୀ ଠିକଣା :-ସା:- ବୁରୁ ପାଲସା, ପୋ:ଅ:- ବଡ଼ପାଲସା, (ଭାୟା-ତିରିଙ୍ଗ), ଜିଲ୍ଲା-ମୟୂରଭଞ୍ଜ

୪. ଯୋଗାଯୋଗ ଠିକଣା : ଫୋନ / ମୋବାଇଲ / ଇ-ମେଲ :- ସା:- ବୁରୁ ପାଲସା, ପୋ:ଅ:- ବଡ଼ପାଲସା, (ଭାୟା-ତିରିଙ୍ଗ), ଜିଲ୍ଲା-ମୟୂରଭଞ୍ଜ -୭୫୭୦୫୩ ମୋ.ନଂ. 7734741139

୫. ଜନ୍ମ ତାରିଖ :- ୧୮.୦୧.୧୯୫୧

୬. ଜନଜାତି ପ୍ରମାଣ ପତ୍ରର ସ୍ୱ-ପ୍ରମାଣିତ ନକଲ (ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ) :- ଏଥି ସହିତ ସଂଲଗ୍ନ କରାଗଲା ।

୭. କେଉଁ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଛନ୍ତି : ( ଦସ୍ତାବିଜର ସ୍ୱ-ପ୍ରମାଣିତ ନକଲ ସହିତ ସଂକ୍ଷିପ୍ତ ତଥ୍ୟ) :- ଏଥି ସହିତ ସଂଲଗ୍ନ କରାଗଲା "କ"

୮. ଅନ୍ୟାନ୍ୟ କ୍ଷେତ୍ର ( ଯଦି ଥାଏ ):( ଦସ୍ତାବିଜର ନକଲ ସହିତ ସଂକ୍ଷିପ୍ତ ତଥ୍ୟ) :- ଏଥି ସହିତ ସଂଲଗ୍ନ କରାଗଲା "ଖ"

୯. ପୂର୍ବରୁ ପୁରସ୍କୃତ ହୋଇଥିଲେ ତାର ସବିଶେଷ ବିବରଣୀ (ପ୍ରମାଣ ପତ୍ର / ମାନପତ୍ରର ନକଲ ସଂଲଗ୍ନ କରାଯିବ) :- ପୂର୍ବରୁ ସାହିତ୍ୟ କ୍ଷେତ୍ରରେ ପୁରସ୍କୃତ ହୋଇଛନ୍ତି । ଏଥି ସହିତ ମାନପତ୍ରର ନକଲ ସଂଲଗ୍ନ କରାଗଲା "ଗ"

୧୦. ସୁପାରିଶ କରିଥିବା ବ୍ୟକ୍ତି ବିଶେଷ / ଅନୁଷ୍ଠାନ ( ସ୍ୱ-ପ୍ରମାଣିତ ସୁପାରିଶ ପତ୍ରର ନକଲ ସଂଲଗ୍ନ କରାହେବ ):- ବାବା ତିଲକା ଲାଇବ୍ରେରୀ ପାଟ୍ରା ମହୁଲପାଣି, ପୋ:ଅ: ବହଳଦା ରୋଡ଼, ଜିଲ୍ଲା-ମୟୂରଭଞ୍ଜ-୭୫୭୦୫୪ । ସୁପାରିଶ ପତ୍ରର ନକଲ ଏଥି ସହିତ ସଂଲଗ୍ନ କରାଗଲା "ଘ"

୧୧. ପାରଦର୍ଶୀତା ହାସଲ କରିଥିବା କ୍ଷେତ୍ରରେ ସଂକ୍ଷିପ୍ତ ତଥ୍ୟ ପ୍ରଦାନ କରନ୍ତୁ :- ଶ୍ରୀ କୁଶାଳ ହେମ୍ବ୍ରମଙ୍କର ପିତା ✓ ନିମାଇ ହେମ୍ବ୍ରମ ଜଣେ ଧନନ୍ତରୀ ଚିକିତ୍ସକ ଭାବରେ ପୋଡ଼ଶୀ ଗ୍ରାମମାନଙ୍କରେ ବେଶ ପରିଚିତ ଥିଲେ । ସେ ବଣ, ଜଙ୍ଗଲ ଓ ପାହାଡ଼ର ଥିବା ଗଛ, ଲତା, ଚେର ମୂଳୀ, ପତ୍ର, ଫୁଲ, ଫଳ ଇତ୍ୟାଦିରୁ ଔଷଧ ମାନ ପ୍ରସ୍ତୁତ କରି ମନୁଷ୍ୟ ତଥା ପଶୁମାନଙ୍କୁ ମଧ ଚିକିତ୍ସା କରୁଥିଲେ । ତେଣୁ ଶ୍ରୀ କୁଶାଳ ହେମ୍ବ୍ରମ ପିତାଙ୍କର

ପୃ:ଓ-୨

2237 22-11-22

ଚିକିତ୍ସା ବିଦ୍ୟା ପ୍ରତି ବିଶେଷ ଆକୃଷ୍ଟ ହୋଇଥିଲେ । ସେ ତାଙ୍କ ପିତାଙ୍କଠାରୁ ଯେତିକି ଶିଖିଥିଲେ ତା ସାଙ୍ଗକୁ ସେ ସ୍ୱାସ୍ଥ୍ୟ ସାହିତ୍ୟ ପରିଷଦ ଭରାନାସୀ (ଗଞ୍ଜାମ) ଅନୁଷ୍ଠାନରେ ଡ଼ିପ୍ଲୋମା କର୍ସରେ ଅଧ୍ୟୟନ କରି ଆର୍ୟୁବେଦ ଚିକିତ୍ସା କ୍ଷେତ୍ରରେ ଜ୍ଞାନ ଅର୍ଜନ କରିଛନ୍ତି । ଏହି ଆୟୁର୍ବେଦିକ ଶିକ୍ଷା କ୍ଷେତ୍ରରେ ୨ୟ ଶ୍ରେଣୀରେ ୧୯୮୮ ମସିହାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସେଥିପାଇଁ ସାର୍ଟିଫିକେଟ ମଧ ପାଇଛନ୍ତି । ତାହାର ଏକ ନକଲ ଏଥି ସହିତ "ଡ" ଚିହ୍ନିତ ବର୍ଗରେ ସଂଲଗ୍ନ କରାଗଲା ।

ଏହା ବ୍ୟତୀତ ଆଧାତ୍ମିକ ଚିନ୍ତନ ନେଇ ଦୀର୍ଘ ୫ ପାଞ୍ଚ ବର୍ଷ କାଳ ଘର ଦୁଆର ତଥା ସାଂସାରିକ ମୋହମାୟା ଛାଡ଼ି ବଣ ଜଙ୍ଗଲରେ ରହି ବଣ ଜଙ୍ଗଲର ସମସ୍ତ ପ୍ରକାର ଗଛ, ଲତା, ଗୁଳ୍ମ ଆଦି ସହିତ ପରିଚିତ ହୋଇ କେଉଁ ଗଛର ଲତାର କେଉଁ କେଉଁ ରୋଗ ବେମାର ପାଇଁ ପ୍ରଯୁଜ୍ୟ ତାହାକୁ ସେ ନିଜର ଆଧାତ୍ମିକ ଚିନ୍ତନ ଦ୍ୱାରା ଜାଣିପାରି ଥିଲେ । ସେ ଦୀର୍ଘ ପାଞ୍ଚ ବର୍ଷ ପରେ ଘରକୁ ଫେରି ଆସି ସାଂସାରିକ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ଆୟୁର୍ବେଦିକ ଚିକିତ୍ସା ଚଳାଇଛନ୍ତି । ଏଥିପାଇଁ ମଧ ସେ ସୁନାମ ଅର୍ଜନ କରିଛନ୍ତି । ଆଧାତ୍ମିକ ଚିନ୍ତନ ବଳରେ ଯେଉଁ ସବୁ ବିଦ୍ୟାମାନ ଆହରଣ କରିଥିଲେ ତାହା ସାର୍ବଜନୀନ ପାଇଁ ସେ ସାନ୍ତାଳୀ ଭାଷା ଅଲ ଚିକି ଲିପି ମାଧମରେ ଏବେ ସୁଦ୍ଧା ସେ ତିନୋଟି ପୁସ୍ତକ ମୁଦ୍ରଣ କରିଛନ୍ତି ଏବଂ ଆଉ ପାଞ୍ଚ ଗୋଟି ପୁସ୍ତକର ପାଣ୍ଡୁଲିପି ରହି ଅଛି । ନିକଟ ଭବିଷ୍ୟତରେ ସେଗୁଡ଼ିକ ମଧ ଔଷଧୀୟ ପୁସ୍ତକ ଆକାରରେ ଛପା ହେବ ।

ଏହା ବ୍ୟତୀତ ସେ ସାନ୍ତାଳୀ ସାହିତ୍ୟ କ୍ଷେତ୍ରରେ ମଧ କୃତିତ୍ୱ ଲାଭ କରିପାରିଛନ୍ତି । ଶିଶୁ ସାହିତ୍ୟରୁ ଆରମ୍ଭ କରି ଛୋଟ ଗଳ୍ପ, ରଚନା, ପଦ୍ୟ, ଛୋଟ ଉପନ୍ୟାସ ଆଦି ଏବେ ସୁଦ୍ଧା ସାତଗୋଟି ପୁସ୍ତକ ଛପା ହୋଇ ସରିଛି । ତାଙ୍କର ଏହି ସାନ୍ତାଳୀ ସାହିତ୍ୟ ସାଧନ ପାଇଁ ସେ ସର୍ବ ଭାରତୀୟ ସାନ୍ତାଳୀ ଲେଖକ ଅନୁଷ୍ଠାନ ପକ୍ଷରୁ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ଫେଲସିପ ମାନ ପତ୍ରରେ ସମ୍ମାନୀତ ହୋଇଛନ୍ତି ଏହା ବ୍ୟତୀତ ଓଡ଼ିଶା ଲେଖକ ଅନୁଷ୍ଠାନରୁ ମଧ ସମ୍ମାନୀତ ହୋଇଛନ୍ତି । ଏହାର ପ୍ରମାଣ ସ୍ୱରୂପ ମାନ ପତ୍ରର ନକଲ "ଗ" ଚିହ୍ନିତ ବର୍ଗରେ ସଂଲଗ୍ନ କରାଯାଇଅଛି ।

ଏହି ସବୁ କୃତିତ୍ୱକୁ ବିଶ୍ଳେଷଣ କରି ବାବା ତିଲକା ଲାଇବ୍ରେରୀ ଅନୁଷ୍ଠାନ ଆୟୁର୍ବେଦିକ ଚିକିତ୍ସା କ୍ଷେତ୍ରରେ ସମ୍ମାନୀତ ହେବା ପାଇଁ ସୁପାରିଶ କରିଥିବାରୁ ମୁଁ ତାଙ୍କଠାରେ କୃତଜ୍ଞତା ଅର୍ପଣ କରୁଅଛି ।

✓୧୨. ଜିଲ୍ଲାପାଳଙ୍କ ସୁପାରିଶ ପତ୍ର (ବାଧତାମୂଳକ)

Recommended

Collector & District Magistrate
Mayurbhanj

ଆବେଦନକାରୀଙ୍କ ସାକ୍ଷର